

ପାଠ-୨୩

# କାଞ୍ଚନର ପାଞ୍ଚ କଥା




ଦିନକର କଥା । ପାଠ ପଢ଼ି କାଞ୍ଚନ ଫେରୁଥିଲା । ପଞ୍ଚାୟତ ହତାରେ ସେହି ଅଞ୍ଚଳର ବହୁଲୋକ ଥିଲେ । ସରପଞ୍ଚ ବାଞ୍ଛାନିଧି ମଉସା କିଛି କହୁଥିଲେ । ପଞ୍ଚାନନ କାକା କାଞ୍ଚନକୁ ଡାକିଲେ । ଆଖପାଖ ପାଞ୍ଚ ଦଶଟି ଗାଁରେ ମେଲେରିଆ ଓ ଝାଡ଼ାରୋଗ ଲାଗିଥିଲା । ରୋଗରେ ପଡ଼ି ଲୋକେ ବହୁତ କଷଣ ସହୁଥିଲେ । ସଭିଏଁ ମିଶି ରୋଗ ନ ହେବା ଉପାୟ ପାଞ୍ଚୁଥିଲେ ।






ବାଞ୍ଛା ମଉସା ପଚାରିଲେ "ବହିରେ ରୋଗ ନ ହେବା ଉପାୟ କ'ଣ ଅଛି ?" କାଞ୍ଚନ ହାତ ଯୋଡ଼ି କହିଲା - "ଘରପାଖ ଅରମା ଓ ଘାସବୁଦା ଚାଞ୍ଛି ପକାଇବା । ଖାଲଜାଗା ଓ ନାଳରେ ଔଷଧ ସିଞ୍ଚିବା । ପାଣି ଫୁଟାଇ ଛାଣିବା । ତାକୁ ଯତନରେ ସଞ୍ଚୟ କରି ରଖି ପିଇବା । ସବୁଦିନ କିଛି ଫଳ ଓ କଞ୍ଚା ପରିବା ଖାଇବା । ଏ ପାଞ୍ଚ କଥା ମାନିଲେ ଆମେ ରୋଗରୁ ବଞ୍ଚିବା ।"



ବାଞ୍ଛା ମଉସା, ପଞ୍ଚାନନ କାକା ଓ ସବୁଲୋକ ଖୁସି ହେଲେ । କହିଲେ, "ସାବାସ୍ କାଞ୍ଚନ ! ଆମେ କାଞ୍ଚନର ପାଞ୍ଚ କଥା ମାନିବା ।"

# ଅଭ୍ୟାସ

୧. ପାଠରେ ଥିବା ଚିତ୍ର ଦେଖିବା ।
ଚିତ୍ର ବିଷୟରେ ଆଲୋଚନା କରିବା ।

୨. ବହି ଦେଖି ଖାଲିଜାଗା ପୂରଣ କରିବା ।

କ) ପଞ୍ଚାୟତ ହତାରେ __________ର ବହୁଲୋକ ଥିଲେ ।

ଖ) ସରପଞ୍ଚ __________ମଉସା କିଛି କହୁଥିଲେ ।

ଗ) ପଞ୍ଚାନନ କାକା__________କୁ ଡାକିଲେ ।

୩. ତଳ ଶବ୍ଦର ଖାଲିଘରେ 'ଞ୍ଚ' ଲେଖି ଶବ୍ଦଟି ଗଢ଼ିବା ।

ପ_____ମ    କା_____ନ    ଚ_____ଳ

ଛା_____    ସ_____ୟ

୪. ଯେଉଁଠି 'ଞ୍ଚ' ଅଛି ତା' ଚାରିପାଖେ 'O'ବୁଲେଇବା ।

ବାଞ୍ଛା ମଉସା ବେଞ୍ଚରେ ବସି
ଖଡ଼ିକା ଚାଞ୍ଛିଲେ ଅଳପ ହସି ।








୫. ତଳ ଛବିଗୁଡ଼ିକ ଦେଖିବା । ଛବିରେ ଥିବା କାମ କଲେ କ'ଣ ଲାଭ ହେବ କହିବା ।














୬. ଖାଲିଘରେ କେତେ ଲେଖିବା ।

| | | | | | | |
|---|---|---|---|---|---|---|
| କ) |  | ରେ ପଞ୍ଚୁ ମିଶାଇଲା |  | = ହେଲା | | ଟି ବାଇଗଣ |
| ଖ) |  | ରୁ ଚଞ୍ଚଳା ଖାଇଲା |  | = ରହିଲା | | ଟି କମଳା |
| ଗ) |  | ରୁ ସଞ୍ଜି ଖାଇଲା |  | = ରହିଲା | | ଟି ପିଜୁଳି |
| ଘ) |  | ରେ କାଞ୍ଚନ ମିଶାଇଲା |  | = ହେଲା | | ଟି ଅଁଳା |

୭. ଖାଲିଘରେ ନାମ ଲେଖିବା ।

କ)  ଓ  ରେ ______ ଅଧିକ ।

ଖ)  ଓ  ରେ ______ କମ୍ ।

ଗ)  ଓ  ରେ ______ ଅଧିକ ।

ଘ) ତମେ ଜାଣିଥିବା ଆଉ ପାଞ୍ଚଟି ପଶୁ ଓ ପାଞ୍ଚଟି ଚଢ଼େଇର ନାମ କହ ।

୮. କ) ମଶା ଆମର କ'ଣ ଅପକାର କରେ କହ ।

ଖ) ଉଇ ଆମର କ'ଣ ଅପକାର କରେ କହ ।

୯. ଆସ କହିବା ।

(କ) ୫ ଓ ୩ ମିଶିଲେ କେତେ ହେବ ?

(ଖ) ୧୭ଟି ରସଗୋଲା ଥିଲା । ସେଥିରୁ ୧୨ଟି ତୁମେ ଖାଇଦେଲ । ଆଉ କେତୋଟି ରସଗୋଲା ରହିଲା ?

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପିଲାଏ ମନଦେଇ ଚିତ୍ର ୧ ଦେଖିବେ। ତା'ପରେ ପାଠର ପ୍ରଥମ ଅଂଶ ଶିକ୍ଷକ ଓ ପିଲା ପଢ଼ିବେ।
- ଚିତ୍ର ୨ ଓ ୩ ପିଲା ଦେଖିବେ ଓ ପାଠ ଶେଷ ଭାଗ ଶିକ୍ଷକ ଓ ପିଲା ପଢ଼ିବେ।
- ଚିତ୍ର ୪ ପିଲା ଦେଖିବେ।

ଏପରି ୨/୩ ଥର ପଢ଼ିବା କାମ ହେବ। ପଢ଼ିବାବେଳେ ଞ ଓ ଛ ଉଚ୍ଚାରଣ ଉପରେ ଗୁରୁତ୍ୱ ଦିଆଯିବ। ପାଠଟି ପଢ଼ା ହେବା ପରେ...

- ଅଭ୍ୟାସ ୧ ଶିକ୍ଷକ କିଛି ପ୍ରଶ୍ନ ପଚାରି ଆଲୋଚନା କରିବେ ଯେପରି କିଏ ପାଠ ପଢ଼ି ଫେରୁଥିଲା ? ସରପଞ୍ଚ ମଉସାଙ୍କ ନାମ କ'ଣ ? ଏପରି ଆହୁରି ପ୍ରଶ୍ନ ମଧ୍ୟ ପାଠକୁ ନେଇ ପଚାରିବେ, ଯେପରି ପିଲା ଉତ୍ତର କରିବା ବେଳେ ଞ ବା ଛ ଉଚ୍ଚାରଣ କରିବା ଆବଶ୍ୟକ ।
- ଅଭ୍ୟାସ ୩ ପ୍ରତ୍ୟେକ ପିଲା ପଢ଼ିବା ଆବଶ୍ୟକ।
- ଅଭ୍ୟାସ ୫ ଶିକ୍ଷକ ଚିତ୍ରଗୁଡ଼ିକ ଦେଖାଇ ପିଲାଙ୍କୁ କହିବା ପାଇଁ କହିବେ। ଯେଉଁ ପିଲା କହୁ ନାହାନ୍ତି ସେମାନଙ୍କୁ କହିବା ପାଇଁ ଉତ୍ସାହିତ କରିବେ।
- ଅଭ୍ୟାସ ୭ (ଘ)ରେ ପ୍ରତ୍ୟେକ ପିଲା କହିବା ଆବଶ୍ୟକ।
- ଅଭ୍ୟାସ ୮ ରେ ମଧ୍ୟ ପ୍ରତ୍ୟେକ ପିଲା କହିବେ ଓ ଅଭ୍ୟାସରେ ଥିବା ପ୍ରଶ୍ନ ସହ ଅନ୍ୟ କୀଟପତଙ୍ଗଙ୍କ ନାମ ମଧ୍ୟ ଶିକ୍ଷକ ପଚାରିବେ।
- ଅଭ୍ୟାସ ୯ ରେ ଶିକ୍ଷକ ବିୟୋଗଫଳ ୯ମଧ୍ୟରେ ହେଉଥିବା କିଛି ମୌଖିକ ପ୍ରଶ୍ନ ପଚାରିବେ। ଯେପରି - ଗଛରେ ୮ଟି ଛଞ୍ଚାଣ ବସିଥିଲେ। ୫ଟି ଉଡ଼ିଗଲେ। ଆଉ କେତୋଟି ରହିଲେ ?

ବାପା ୧୨ଟି ମିଠା ଆଣିଲେ। ପଞ୍ଚୁ ପାଞ୍ଚଟି ଖାଇଦେଲା। ଆଉ କେତେ ରହିଲା ? ଏପରି ଆଉ କିଛି ପ୍ରଶ୍ନ ନିଜ ପିଲାଙ୍କ ସାମର୍ଥ୍ୟ ଦେଖି ଶିକ୍ଷକ ପଚାରିବେ। ତରବର ନହୋଇ ହିସାବ କରି କହିବା ପାଇଁ ପିଲାଙ୍କୁ ସମୟ ଦେବେ।

ସୂଚିତ ପ୍ରଶ୍ନଗୁଡ଼ିକ ପଚାରିବା ପରେ ଯୋଗଫଳ ୫ ରୁ ୯ ମଧ୍ୟରେ ହେଉଥିବା ଓ୯ସଂଖ୍ୟା ମଧ୍ୟରେ ବିୟୋଗ ଆଧାରିତ କିଛି ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ମଧ୍ୟ ପଚାରିବା ଆବଶ୍ୟକ। ଯେପରି -

- କେତେରେ କେତେ ମିଶିଲେ ୮ହେବ ?
- କେତେରୁ କେତେ ବିୟୋଗକଲେ ୩ ହେବ ?

ଏଭଳି ପ୍ରଶ୍ନର ଉତ୍ତର ଦେବା ପାଇଁ ମଧ୍ୟ ପ୍ରତ୍ୟେକ ପିଲାଙ୍କୁ ଉତ୍ସାହିତ କରିବା ଆବଶ୍ୟକ।

୨୩ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ - ଞ, ଛ ଚିହ୍ନିବା, ପଢ଼ିବା ଓ ଲେଖିବା, ୧ ରୁ ୧୮ ମଧ୍ୟରେ ବିୟୋଗ କରିବା, ବିଭିନ୍ନ ପଶୁପକ୍ଷୀ ଓ କୀଟପତଙ୍ଗ ଚିହ୍ନିବା, ମୌଖିକ ଯୋଗ ଓ ବିୟୋଗ କରିବା (ବିୟୋଗ ୯ ମଧ୍ୟରେ), ସ୍ୱାସ୍ଥ୍ୟର ନିୟମ ଦର୍ଶାଇବା ଓ ଶରୀରକୁ ସଫାସୁତୁରା ରଖିବା ଇତ୍ୟାଦି ଦକ୍ଷତାର ବିକାଶ ହେବ ।